## ସଂକ୍ଷେପରେ

### ଜଗନ୍ନାଥସାଗରର ପାଣି ଛାଡ଼ିବା ନେଇ ସମୀକ୍ଷା

ଜୟପୁର, ୫।୩ (ପବନ ପାଣିଗ୍ରାହୀ)

ଜୟପୁର ଜଗନ୍ନାଥ ସାଗରର ପାଣି ଛାଡିବା ନେଇ ମଙ୍ଗଳବାର ସମୀକ୍ଷା କରାଯାଇଛି । ରୋଡ୍ କଟିଂକରି ପାଣି ଛଡ଼ାଯିବ ବୋଲି ଆଲୋଚନା ବେଳେ ନିଷ୍ପତ୍ତି ହୋଇଛି । ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କନିଷ୍ଠଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ସମୀକ୍ଷା ବେଳେ ଉପସ୍ଥିତ ଥିଲେ ।

### ଶକ୍ତି ପ୍ରଦର୍ଶନ କଲେ ସୁବାସ

ଜୟପୁର, ୫।୩ (ପବନ ପାଣିଗ୍ରାହୀ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ବିଜେଡି ନେତା ସୁବାସ ରାଉତ ଶକ୍ତି ପ୍ରଦର୍ଶନ କରିଛନ୍ତି । ଜୟପୁର ଘୋଡ଼ାଶାଳ ପଡ଼ିଆଠାରୁ ସେ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମାକରି ରଜାନହର, ମୁଖ୍ୟରାସ୍ତା ଦେଇ ଦଶହରା ପଡ଼ିଆଠାରେ ପହଞ୍ଚିଥିଲା । ସୁବାସଙ୍କ ସହ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ଝିନ ହିକକା,ବିଜେଡି ନେତା ରମାକାନ୍ତ ରାଉଳ, ବାଲଙ୍କି ରାଓ, ଆଦ୍ୟା ମହାପାତ୍ରଙ୍କ ସମେତ ଅନ୍ୟମାନେ ଏହି ସମୟରେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଜୟପୁରର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଏକ କଲ୍ୟାଣ ମଣ୍ଡପଠାରେ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା, ସରପଞ୍ଚଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ ।

### ମଦ ଚୋରାଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୫।୩ (ପବନ ପାଣିଗ୍ରାହୀ)

ଦେଶୀମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉକରି ଜଣଙ୍କୁ ଗିରଫ କରିଛନ୍ତି । ସେ ହେଲେ ମଜୁରୁମୁଣ୍ଡା ଗ୍ରାମର ପୀତାମ୍ବର ଭତ୍ରା (୩୫) । ପୀତାମ୍ବର ଦେଶୀ ମଦ ଚୋରାଚାଲାଣ କରୁଥିବା ସୂଚନା ପାଇ କର୍ମଚାରୀମାନେ ତାଙ୍କୁ ମଜୁରୁମୁଣ୍ଡା ରାସ୍ତାରୁ ଧରିଥିଲେ । ତାଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ ହୋଇଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି ।

### ସାନ ମଜୁରୁମୁଣ୍ଡା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୫।୩ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ସାନ ମଜୁରୁମୁଣ୍ଡା ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦେଶୀମଦ ପ୍ରସ୍ତୁତ ପାଇଁ ଲୁଚାଇ ରଖାଯାଇଥିବା ୩୮୦୦ ଲିଟର ପୋଚ ଓ ୨ଶହ ଲିଟର ଦେଶୀ ମଦ ଜବତ କରାଯାଇଛି । ତେବେ ଆଗୁଆ ସୂଚନା ପାଇ ମଦ କାରବାର କରୁଥିବା ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି । କର୍ମଚାରୀମାନେ ବହୁ ମଦଭାଟି ଭାଙ୍ଗି ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦି ଜବତକରି ଫେରିଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି ।

### କଂଗ୍ରେସର ଖବରଦାତା ସମ୍ମିଳନୀ
### ନିର୍ବାଚନ ସମୟରେ ଛାତ୍ର ବୃତ୍ତି ଯୋଜନା ପ୍ରହସନ




ମାଲକାନଗିରି, ୫।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର କଂଗ୍ରେସ ଭବନରେ ସଭାପତି ଗୋବିନ୍ଦ ପାତ୍ର ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଘୋଷଣା ଏକ ପ୍ରହସନ ବୋଲି ଅଭିଯୋଗ କରିଛନ୍ତି । ମଙ୍ଗଳବାର ୧୦୦ ବସ୍‌ରେ ୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାଲକାନଗିରି ଷ୍ଟାଡିୟମରେ କାର୍ତ୍ତିକ ପାଣ୍ଡିଆନ୍ ଛାତ୍ରବୃତ୍ତି ଘୋଷଣା ଓ ମୁଖ୍ୟମନ୍ତ୍ରୀଙ୍କ ମ୍ୟାଜିକ କାର୍ଡ ଉନ୍ମୋଚନରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାହା ସ୍ୱାର୍ଥରେ ଖର୍ଚ୍ଚ କରାଗଲା ବୋଲି ପାତ୍ର ପ୍ରଶ୍ନ କରିଛନ୍ତି । ଆଗାମୀ ନିର୍ବାଚନରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ନୂତନ ଭାବେ ଭୋଟ ଦେବାର ବ୍ୟବସ୍ଥା ଥିବା ବେଳେ ସେମାନଙ୍କ ଭୋଟ ହାତେଇବା ପାଇଁ ଏହି ଲୋଭନୀୟ ଘୋଷଣା ଛାତ୍ରୀଛାତ୍ରଙ୍କ ଉପରେ ପଡିବ ନାହିଁ । ଏହି ସମ୍ମିଳନୀରେ ମଙ୍ଗୁ ଖିଲ ଓ ଭିମା ବାର୍ସେଙ୍କ ସହ ଅନ୍ୟାନ୍ୟ ଦଳୀୟ ନେତାମାନେ ଉପସ୍ଥିତ ଥିଲେ ।

# ପିଇଓଙ୍କୁ ତାଲା ପକାଇଲେ ଗ୍ରାମବାସୀ

### ଟିପାକୁର ପଞ୍ଚାୟତରେ ଉତ୍ତେଜନା

ବୈପାରିଗୁଡା ୫।୩(କଳ୍ପତରୁ ମହାନ୍ତି)


ପିଇଓଙ୍କୁ ତାଲା ପକାଇ ଗ୍ରାମବାସୀ ଧାରଣାରେ ବସିଛନ୍ତି ।

ପିଡିଏସ୍ ହିତାଧିକାରୀମାନଙ୍କୁ ୧ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନରେ ବିଳମ୍ବ ଯୋଗୁ ମଙ୍ଗଳବାର ଟିପାକୁର ପଞ୍ଚାୟତ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତେଜିତ ଲୋକେ ପିଇଓଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ରଖି ବାହାରପଟୁ ତାଲା ପକାଇ ଦେଇଥିଲେ । ବାହାର ପଟେ ଶତାଧିକ ଗ୍ରାମବାସୀ ତାଙ୍କୁ ଘେରି ରହିଥିଲେ । ଖବରପାଇ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାର୍ତ୍ତିକ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝାକରି ପୋଲିସ ସୁରକ୍ଷାରେ ପିଇଓଙ୍କୁ ଉଦ୍ଧାର କରିଥିଲେ । ଖବରରୁ ଜଣାପଡିଛି, ପୂର୍ବ ସୂଚନା ଅନୁସାରେ ମଙ୍ଗଳବାର ପ୍ରଦାନ କରାଯିବାକୁ ଥିବା ୧ ହଜାର ଟଙ୍କା ଲେଖାଏ ସହାୟତା ରାଶି ନେବାକୁ ଶତାଧିକ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ । ସେଠାରେ ନିର୍ବାହୀ ଅଧିକାରୀଙ୍କୁ ନ ପାଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ୩ଟାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ଦିପ ପଟ୍ଟନାୟକ ସେଠାରେ ପହଞ୍ଚିବାରୁ ଉତ୍ତେଜିତ ଲୋକେ ତାଙ୍କୁ ବାହାରପଟୁ ତାଲା ପକାଇଦେଇଥିଲେ । ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରିବାରୁ ସେ ୨ଟି ପଞ୍ଚାୟତ ଦାୟିତ୍ୱରେ ଥିବାରୁ ଅନ୍ୟ ପଞ୍ଚାୟତର ଦାୟିତ୍ୱ ସାରି ପହଞ୍ଚିବାରେ ବିଳମ୍ବ ହେଲା ବୋଲି କହିଥିଲେ ।

# ୬୩୧ ଛାତ୍ରୀଛାତ୍ରଙ୍କୁ ବୃତ୍ତି

ନନ୍ଦପୁର ୫।୩ (ଶଙ୍କର ପୂଜାରୀ)

### ନନ୍ଦପୁର ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର ୬୩୧ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନୂଆ-ଓ ଛାତ୍ରବୃତ୍ତି ମଙ୍ଗଳବାର ପ୍ରଦାନ କରାଯାଇଛି । ଅଧ୍ୟକ୍ଷ ଅମର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଅତିଥି ଭାବେ ନନ୍ଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ମହାପାତ୍ର ସ୍ନାତକ ପାଠ୍ୟକ୍ରମ ପଢୁଥିବା ବିଦ୍ୟାଳୟର ୧୯୩ ଛାତ୍ରୀ ଓ ୪୩୮ ଛାତ୍ରଙ୍କୁ ଶିକ୍ଷା ସହାୟତା ପ୍ରଦାନ କରିଥିଲେ । ସେଥିମଧ୍ୟରୁ ସାଧାରଣ ବର୍ଗର ଛାତ୍ରମାନଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର ଓ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରମାନଙ୍କୁ ୧୦ ହଜାର ଓ ଛାତ୍ରୀମାନଙ୍କୁ ୧୧ ହଜାର ଟଙ୍କା ସେମାନଙ୍କ ବ୍ୟାଙ୍କ ଜମାଖାତାରେ ଜମା କରାଯାଇଥିବା ଅଧ୍ୟକ୍ଷ ମହାପାତ୍ର କହିଛନ୍ତି । ଛାତ୍ରବୃତ୍ତି ପାଇ ଛାତ୍ରୀଛାତ୍ର, ଅଭିଭାବକ ଖୁସି ବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମକୁ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ପରିଚାଳନା କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ. ଜୟା ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପିକା ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ସନ୍ତୋଷ ହନ୍ତାଳ, ଭଗବାନ ଖରା, ନରସିଂହ ଖୋସଲା, ବାବୁଲା ଟାଙ୍ଗୁଡିଆ, ସନ୍ତୋଷ ଦୋରା, ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଠା ସହଯୋଗ କରିଥିଲେ ।


ଛାତ୍ରଙ୍କୁ ଅତିଥିମାନେ ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି ।

# ମାଳିପୁଟ, କୁସୁମଗୁଡ଼ା ସହ କୋଟିଆ ଜିଲାର ଶ୍ରେଷ୍ଠ ପଞ୍ଚାୟତ

କୋରାପୁଟ/ଜୟପୁର,୫।୩
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

### ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି । କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଗଣେଶ୍ୱର କହଁର ଓ ବୈପାରିଗୁଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରେଷ୍ଠ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯାଇଥିଲା । ପଟ୍ଟାଙ୍ଗୀ ବ୍ଲକର ମାଳିପୁଟ ପଞ୍ଚାୟତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲକ୍ଷ୍ମୀପୁର ବ୍ଲକର କୁସୁମଗୁଡ଼ା ପଞ୍ଚାୟତ ଦ୍ୱିତୀୟ ଏବଂ ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ଅବସରରେ ସଦ୍‌ଭାବନା ସଭାଗୃହ ସମ୍ମୁଖରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟାସଭ୍ୟ, ଜିଲାସ୍ତରୀୟ ଅଧିକାରୀ, ଏସ୍‌ଏଚ୍‌ଜି ମହିଳାମାନେ ଯୋଗଦେଇଥିଲେ । ଲୋକପାଳ ନଳିନୀ ଟାକ୍ରି ପରିଚାଳନା କରିଥିଲେ । ସେହିପରି ବିଜେଡି ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ଠାରେ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସହରର ଗ୍ୟାରେଜ ଲାଇନଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜେଡିର ସମସ୍ତ ନେତା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

ଜୟପୁର ବ୍ଲକ ସଭାଗୃହରେ ପଞ୍ଚାୟତିରାଜ ଓ ଲୋକ ସେବା ଦିବସ ମଙ୍ଗଳବାର ପାଳିତ ହୋଇଛି । ଏଥିରେ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ବିଶ୍ୱନାଥ ପାତ୍ର, ସିଡିପିଓ ସୁଚିତା ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଦିବସ ଉପରେ ନିଜ ମତ ରଖିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ



ଦାମନଯୋଡ଼ି,୫।୩ (ମାନସ ରଞ୍ଜନ କର)

ଓଡ଼ିଶାର ବରପୁତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ନାଲ୍‌କୋ ୱେଲଫେୟାର କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ନାଲ୍‌କୋ ଇଡି ସୁଶୀଲ ପାଢ଼ୀଙ୍କ ସହ ବିଭିନ୍ନ ବିଭାଗୀୟ ସମୂହ ମହାପ୍ରବନ୍ଧକ, ମହାପ୍ରବନ୍ଧକ, ଡିଜିଏମ୍, ବରିଷ୍ଠ ଅଧିକାରୀ, ବିଭିନ୍ନ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ଓ କର୍ମଚାରୀମାନେ ଉପସ୍ଥିତ ରହି ଟାଉନଶିପ ସେକ୍ଟର-୧ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କ ସହ ବିଜେଡି କର୍ମୀମାନେ ଉପସ୍ଥିତ ରହି ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନ ଉପରେ ସ୍ମୃତିଚାରଣ କରିଥିଲେ ।

# ବ୍ଲକ୍ ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ଦିବସ

ପଟ୍ଟାଙ୍ଗି,୫।୩(ଶରତ ଧଳ)

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ ଏବଂ ବିଡିଓ ସୁକାନ୍ତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଉପସ୍ଥିତ ବ୍ୟାଙ୍କମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଏମ୍‌ବିକେ, ସିଆର୍‌ପି ଓ ସାମାଜିକ ସମୀକ୍ଷକ ପ୍ରମୁଖଙ୍କୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବଳିଦାନ ସମ୍ପର୍କରେ ଉଭୟେ ବୁଝାଇଥିଲେ । ସେହିପରି ଆସ ଖୋଜିବା' କାର୍ଯ୍ୟକ୍ରମରେ ୧୦୨ଟି ରାଜସ୍ୱ ଗ୍ରାମରେ ଚାଲିଥିବା କାର୍ଯ୍ୟକ୍ରମର ୨୦୭ଜଣଙ୍କୁ ଭତ୍ତା ଦେବାରେ ସକ୍ଷମ ହୋଇଥିବାରୁ ସହଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ଚନ୍ଦକା ସରପଞ୍ଚ ଦେବକୀ ଗଣ୍ଡ, ସମିତିସଭ୍ୟା ଶିବାନୀ ନାୟକ, ଏମ୍‌ବିକେ ଚୈତି ଖରା, ଅଙ୍ଗନୱାଡି କର୍ମୀ ଶର୍ମିଳା ବଇ ପ୍ରମୁଖଙ୍କୁ ଅଧ୍ୟକ୍ଷା ପାଙ୍ଗୀ ଏବଂ ବିଡିଓ ପଟ୍ଟନାୟକ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମକୁ ଜିପିଓ ଦିବାକର ପୁରୋହିତ, ବିଏସ୍‌ଏସ୍‌ଓ ସୁଧୀର ସାହୁ ପରିଚାଳନା କରିଥିଲେ ।



ଚନ୍ଦକା ସରପଞ୍ଚଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

# ଜିଲା ପ୍ରଶାସନର ଅଭିଯୋଗ ଶୁଣାଣି

ମାଲକାନଗିରି,୫।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଡିଆରଡିଏ କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ସଚିନ ପାୱାର ପ୍ରକାଶ, ଡିଆରଡିଏ ସିଇଓ ରତ୍ନାକର ସାହୁ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦ ମଞ୍ଚାସୀନ ଥିବା ବେଳେ ଅନେକ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ଥାନୀୟ ଲୋକଙ୍କ ଓ ବିଭିନ୍ନ ସାମୁହିକ ସମସ୍ୟାର ଶୁଣାଣି କରାଯାଇଥିଲା । ସ୍ଥାନୀୟ ଲୋକେ ଉପସ୍ଥିତ ରହି ମୋଟ ୨୫ ବିଭିନ୍ନ ସମସ୍ୟା ବିଷୟରେ ଅଭିଯୋଗ ପତ୍ର ଦେଇଥିବା ବେଳେ ଉପସ୍ଥିତ ଅଧିକାରୀମାନେ ଏହାର ଶୁଣାଣି କରି ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ ।


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ବିଜୁବାବୁଙ୍କ ଜୟନ୍ତୀ, ପଞ୍ଚାୟତିରାଜ ଦିବସ ପାଳନ

ନନ୍ଦପୁର, ୫।୩ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ ୨୩ ପଞ୍ଚାୟତ କାର୍ଯ୍ୟାଳୟ ସମେତ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ଜନ୍ମ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ସିଡିପିଓ ମିନତିବାଳା ପଟ୍ଟନାୟକ, ଜିପିଇଓ ବେଦାନ୍ତ ମାଝୀ, ଗୋଷ୍ଠୀ ସହକାରୀ ଶିକ୍ଷାଧିକାରୀ ନାରାୟଣ ଭୂୟାଁ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ଯୋଗାଣ ନିରୀକ୍ଷକ ଜନସନ ବୁରୁ, ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ । ସମସ୍ତେ ବିଜୁବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଡିଓ ଦୋରା ଓ ଜିପିଇଓ ମାଝୀ ପଞ୍ଚାୟତିରାଜ ବ୍ୟବସ୍ଥା, ଉନ୍ନୟନ କାର୍ଯ୍ୟ, ଦାୟିତ୍ୱ, ସରକାରଙ୍କ ଲକ୍ଷ୍ୟ, ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ମିଶନ ଶକ୍ତି ବିପିଏମ ବିଚିତ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜୀବନ ବିନ୍ଦୁ ରକ୍ତଦାନ ଶିବିର

ମାଲକାନଗିର/ଚିତ୍ରକୋଣ୍ଡା/ମାଥିଲି,
୫।୩(ଦୁର୍ଯ୍ୟୋଧନ ପାତ୍ର/
କ୍ଷୀରୋଦ ବେହେରା/ସୁବାସ ଖୁଡୁପିଆ)

### ବିଜୁବାବୁଙ୍କ ୧୦୮ତମ ଜୟନ୍ତୀ

ଓଡିଶାର ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମଦିବସ ଜିଲା ବିଜେଡି ପକ୍ଷରୁ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ମାଲକାନଗିରି ଜିଲା ବିଜେଡି ସଭାପତି ମାନସ ମାଡକାମିଙ୍କ ନେତୃତ୍ୱରେ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ, ବ୍ଲକ ଏବଂ ସହରାଞ୍ଚଳରେ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ରାଜ୍ୟ ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ, ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ଆଇନଜୀବି ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ, ଉପାଧ୍ୟକ୍ଷା କବିତା ମହନ୍ତ, ବିଜେଡି ମହିଳା ନେତ୍ରୀ ସୁକାନ୍ତି ବୁରୁଦା, ବିଜେଡି ଉପସଭାପତି ଓନେଲ ପଟଲା, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ଜୀବନବିନ୍ଦୁ ଜିଲା ସଂଯୋଜକ ମାଡକାମିଙ୍କ ନେତୃତ୍ୱରେ ଗୌଡଗୁଜଡା ପଞ୍ଚାୟତ ଏମ୍‌ଭି ୯ ଗ୍ରାମରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସେହିପରି ଚିତ୍ରକୋଣ୍ଡା ବ୍ଲକ ଦୈନିକ ବଜାରରେ ବିଜେଡି ପକ୍ଷରୁ ସଭାପତି ରଘୁରାମ ଖରାଙ୍କ ନେତୃତ୍ୱରେ ଦୁଇଟି ଜୋନ୍‌ରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ପର୍ଯ୍ୟବେକ୍ଷକ ବିଜିତ ସିଙ୍ଗ, ଯୁବ ସଭାପତି ରାଜକମଳ ପୁରୋହିତ, ସରପଞ୍ଚ ହରି ମୋହନ ଖିଲ,ମହିଳା ସଭାପତି ଲକ୍ଷ୍ମୀ ମାଣ୍ଡି, ବରିଷ୍ଠ ବିଜେଡି କର୍ମୀ ଶିବ ପ୍ରସାଦ ଖରା ଓ ମଦନ ଖରା ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କର ଜାତି ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ମାଥିଲିରେ ମଧ୍ୟ ପ୍ରବାଦ ପୁରଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।



ମାଲକାନଗିରି ଓ ଚିତ୍ରକୋଣ୍ଡାରେ ବିଜୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ ଏକାଠି ହୋଇଥିବା ନେତା ଓ କର୍ମୀ ।

# ମାଲକାନଗିରିରୁ ମ୍ୟାଜିକ କାର୍ଡ

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମାଲକାନଗିରିରୁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡର ଭର୍ଚୁଆଲରେ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଯେଉଁ ଛାତ୍ରୀଛାତ୍ରଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଥିଲା ସେମାନେ ଓ ଜଣେ ଶିକ୍ଷାବିତ୍ ଯାହା କୁହନ୍ତି ।**

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି



ମୁଁ କେବେ କଳ୍ପନା କରି ନ ଥିଲି ମୋ ପରିବାର ମୋର ଇଚ୍ଛା ଅନୁଯାୟୀ ଉଚ୍ଚ ଶିକ୍ଷିତା କରିବେ । ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ କାଳେ ମୋର ପାଠପଢାରେ ଡୋରି ବନ୍ଧା ହେବ ସେହି ଆଶଙ୍କାରେ ଥିଲି । ରାଜ୍ୟ ସରକାର ମୋତେ ଏହି ଛାତ୍ର ବୃତ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରି ସେହି ଆଶଙ୍କାକୁ ଦୂର କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ।

**-ଏସ୍. ପ୍ରିୟା,ବାଲିମେଳା ବିଜ୍ଞାନ ମହାବିଦ୍ୟାଳୟ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ**

### ମୋତେ ଓ ମୋ ପରିବାରକୁ ପ୍ରେରଣା ଯୋଗାଇଛି



ଆଜିର ଦିନଟି ମୋ ଜୀବନରେ ଏକ ଅଭୁଲା ସ୍ମୃତି ହୋଇ ରହିବ । ଉଚ୍ଚ ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ମୋତେ ଓ ମୋ ପରିବାରକୁ ପ୍ରେରଣା ଯୋଗାଇଛି । ମୁଁ ନିଶ୍ଚିତ ଭାବେ ସରକାରଙ୍କ ଏହି ସହାୟତାରେ ଜଣେ ମେଧାବୀ ଛାତ୍ର ହୋଇ ଆଗକୁ ଉଚ୍ଚ ଶିକ୍ଷା ଗ୍ରହଣ କରି ଜିଲା ଏବଂ ରାଜ୍ୟର ସୁନାମ ଆଣିବି ।

**-ଦେବାଶିଷ ତେଜାବତ, ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, କାଲିମେଲା, ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ର ।**

### ଗରିବ ଛାତ୍ରୀଛାତ୍ରଙ୍କୁ ଚିନ୍ତାମୁକ୍ତ କରିଛି



ମୁଁ କେବେବି କଳ୍ପନା କରି ନ ଥିଲି ଉଚ୍ଚ ଶିକ୍ଷା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ମିଳିବ । ମୋ ପରିବାର ଋଣ କରି ମୋତେ ଯୁକ୍ତ ୩ ପର୍ଯ୍ୟନ୍ତ ଆଣିଛନ୍ତି । ଋଣ ଶୁଝିବା ପରିବାର ପାଇଁ କଷ୍ଟଦାୟକ । ତେଣୁ ଆଶଙ୍କା କରିଥିଲି ଆଉ ବୋଧେ ମୁଁ ଅଧିକ ଶିକ୍ଷା ଗ୍ରହଣ କରିପାରିବି ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଏହି ଯୋଜନା ମୋ ଭଳି ହଜାର ହଜାର ଗରିବ ଛାତ୍ରୀଛାତ୍ରଙ୍କ ପରିବାର ବର୍ଗଙ୍କୁ ଚିନ୍ତା ମୁକ୍ତ କରିଛି ।

**-ତ୍ରିନାଥ ଧରାବତ, ମାଲକାନଗିରି ମହାବିଦ୍ୟାଳୟ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ।**

### ଆଗକୁ ଅଧିକ ଶିକ୍ଷା ଗ୍ରହଣ କରିବି



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାଲକାନଗିରି ଜିଲାରେ ଛାତ୍ରବୃତ୍ତି ଯୋଜନାରେ ମ୍ୟାଜିକ କାର୍ଡ ଲୋକାର୍ପଣ ହୋଇଥିବାରୁ ମୁଁ ବହୁତ ଖୁସି । ଏହାଦ୍ୱାରା ଆଗକୁ ଅଧିକ ଶିକ୍ଷା ଗ୍ରହଣ କରିବା ପାଇଁ ମୋ ପରିବାରର ବୋଝ ହୋଇରହିବି ନାହିଁ । ମୁଁ ନିଶ୍ଚିତ ଭାବେ ସରକାରଙ୍କ ଏହି ଆର୍ଥିକ ସାହାଯ୍ୟରେ ଆଗକୁ ଅଧିକ ଶିକ୍ଷା ଗ୍ରହଣ କରିବି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ।

**-ଯୁବରାଜ ପଟ୍ଟନାୟକ, ମାଲକାନଗିରି ସ୍ନାତକ ମହାବିଦ୍ୟାଳୟ, ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ର ।**

### ଉଚ୍ଚ ଶିକ୍ଷା ପାଇଁ ପ୍ରେରଣା ଯୋଗାଇବ



ରାଜ୍ୟ ସରକାରଙ୍କ ଏହି ଯୋଜନା ନିଶ୍ଚିତ ଭାବେ ଆଦିବାସୀ ବହୁଳ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ପାଇଁ ପ୍ରେରଣା ଯୋଗାଇବ । ବିଶେଷ କରି ଅର୍ଥାଭାବରୁ ଯେଉଁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ ଏହି ଯୋଜନା ସେମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ପ୍ରେରଣା ଯୋଗାଇବ । ପିଲାଙ୍କ ଉଚ୍ଚ ଶିକ୍ଷା ଅଭିଳାଷ ଏହି କାର୍ଡ ମାଧ୍ୟମରେ ପୂରଣ ହେବ ।

**-ରବୀନ୍ଦ୍ର ମହାରଣା, ଶିକ୍ଷାବିତ୍**

